## ଅଣାକାର ଗାଦିବ୍ରହ୍ମ ପୀଠରେ ମାଘ ବୁଡ଼ ପାଇଁ ପ୍ରସ୍ତୁତି

ଅସ୍ତରଙ୍ଗ,୨୧।୧୨(ସମିସ): ଉତ୍କଳ ହେଉଛି ଭାରତ ବର୍ଷର ଗୋଟେ ପ୍ରାଚୀନ ଐତିହ୍ୟ ପରମ୍ପରାର ରାଜ୍ୟ। ଏଠାରେ ଅନେକ ମଠ, ମନ୍ଦିର ଓ ପ୍ରାଚୀନ କିମ୍ବଦନ୍ତୀ ଭରି ରହିଛି। କିନ୍ତୁ ଆଧୁନିକତାର ସ୍ପର୍ଶରେ ଏବେ ଅନେକ ପ୍ରାଚୀନ ପରମ୍ପରା ଡୁବିଯାଉଛି, ଯାହାକୁ ଉଦ୍ଧାର କରିବା ପାଇଁ କିଛି ବ୍ୟକ୍ତିବିଶେଷ ଏବେ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଅସ୍ତରଙ୍ଗ ବ୍ଲକ୍ ଆଳସାହି ପଞ୍ଚାୟତରେ ରହିଛି ଅଣାକାର ଗାଦିବ୍ରହ୍ମ ପୀଠ। ଏହି ମଠରେ ଅତ୍ୟନ୍ତ ପୁରାତନ ସମୟରେ ସାଧୁସନ୍ଥମାନେ ତପସ୍ୟା କରୁଥିବା କିଛି କିମ୍ବଦନ୍ତୀ ରହିଛି। ଆଉ ଆମ ସନାତନ ଧର୍ମର ପବିତ୍ର ମାଘ ସପ୍ତମୀ ତିଥିରେ ଦେଶସାରା ଅନେକ ପୂର୍ଣ୍ଣ ଆଧାତ୍ମିକ ପୀଠରେ ବୁଡ଼ ପକାଯାଏ। ବିଶ୍ୱାସ ଓ ଆଧାତ୍ମିକତା କୁହେ ଯେ, ଏହି ସମୟରେ ବୁଡ଼ ପକାଇଲେ ଅନେକ ପାପରୁ ମୁକ୍ତି ମିଳେ। ଠିକ୍ ସେହିପରି ବୈଜ୍ଞାନିକଙ୍କ ମତରେ ଏହି ସମୟରେ ପବିତ୍ର ନଦୀ, ପୁଷ୍କରିଣୀରେ ବୁଡ଼ ପକାଇଲେ ପ୍ରତ୍ୟେକ ବ୍ୟକ୍ତିଙ୍କ ଚର୍ମ ରୋଗ ଦୂର ହୁଏ। ଏହି ଗାଦିଙ୍କ ପୀଠରେ ୧୯୮୫ ମସିହା ପୂର୍ବରୁ ହଜାର ହଜାର ସଂଖ୍ୟାରେ ଭକ୍ତ ଆସି ବୁଡ଼ ପକାଇ ଗାଦି ଗୋସେଇଁଙ୍କ ନିକଟରେ ପୂଜାର୍ଚ୍ଚନା କରନ୍ତି। ଏଠାରେ ବିଜ୍ଞ ପଣ୍ଡିତମାନଙ୍କ ଦ୍ୱାରା ଯଜ୍ଞ, ଘୋଡ଼ା ନାଚ, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନୀୟ କଳାକାରମାନଙ୍କୁ ନେଇ ଯାତ୍ରା, ଦୋକାନ ବଜାର ଗଢ଼ିଉଠେ। ମାତ୍ର ଆମେ ଏତେ ଆଧୁନିକତା ଆଡ଼କୁ ପ୍ରବେଶ କରିଯାଇଛେ ଯେ, ଏହି ମହାପୁରୁଷଙ୍କ ପ୍ରାଚୀନ ପରମ୍ପରା ସବୁ ଆଜକୁ ୩୦-୩୫ ବର୍ଷ ହେବ ଲିଭିବାକୁ ବସିଲାଣି। ଏହାକୁ ପୁନଃଉଦ୍ଧାର କରି ଗ୍ରାମର କିମ୍ବଦନ୍ତୀକୁ ଉଜ୍ଜୀବିତ କରିବାକୁ ଏହି ଗ୍ରାମର ଜଣେ ଦକ୍ଷ ସମାଜସେବୀ ଅରୁଣ ବିଶ୍ୱାଳଙ୍କ ନେତୃତ୍ୱରେ ଅଣାକର ଗାଦିବ୍ରହ୍ମଙ୍କ ମଠ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମ ଚଳିତ ବର୍ଷ ମାଘ ସପ୍ତମୀ ବୁଡ଼ ପାଇଁ ବୈଠକରେ ଆଲୋଚନା ହୋଇଛି। ଆଳସାହି, ନଗର, ଆଳଙ୍ଗପୁର ଓ ନଇଗୁଆଁ ପଞ୍ଚାୟତର ମୁରବୀ, ଜନପ୍ରତିନିଧିମାନଙ୍କୁ ନେଇ ବୈଠକ ହୋଇଛି। ବୈଠକରେ ବେଣୁଧର ଲେଙ୍କା, ପୀତବାସ ବିଶ୍ୱାଳ, ରାଧୁଆ ବିଶ୍ୱାଳ, ପଞ୍ଚାନନ ସ୍ୱାଇଁ, ପ୍ରଶାନ୍ତ ଭୋଳ ପ୍ରମୁଖ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳାରେ ମାଘ ସପ୍ତମୀରେ ବୁଡ଼, ଯଜ୍ଞ, ସାଂସ୍କୃତିକ କାର୍ଯ୍ୟକ୍ରମ, ମିନାବଜାର କିପରି ଅନୁଷ୍ଠିତ ହେବ ବିଶେଷ ଆଲୋଚନା କରାଯାଇଛି।

### ଅଶାନ୍ତ ସତ୍ୟବାଦୀ; ସିରିଜ୍ ବିସ୍ଫୋରଣ ଘଟଣା

# ଗୋଷ୍ଠୀ ବିବାଦରୁ ବୋମାମାଡ଼; ୧୦ ଗିରଫ





ସାକ୍ଷୀଗୋପାଳ,୨୧।୧୨(ସମିସ): ଗତ ଶୁକ୍ରବାର ଓ ଶନିବାର ସତ୍ୟବାଦୀ ଅଶାନ୍ତ ହୋଇପଡ଼ିଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଦୁଇଗୋଷ୍ଠୀ ବୋମା ବିସ୍ଫୋରଣ କରି ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଥିଲେ। ଏହି ବୋମାମାଡ଼ ଘଟଣାରେ ଦୁଇ ଗୋଷ୍ଠୀର ୧୦ ଅଭିଯୁକ୍ତଙ୍କୁ ସତ୍ୟବାଦୀ ପୁଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଘଟଣାକୁ ନେଇ ସତ୍ୟବାଦୀ ଥାନାରେ ୪୪୮/୨୫ ଓ ୪୪୯/୨୫ରେ ଦୁଇଟି ମାମଲା ରୁଜୁ କରାଯାଇଛି। ଏଥିରେ ସମ୍ପୃକ୍ତ ଥିବା ଅନ୍ୟ କିଛି ଅଭିଯୁକ୍ତ ଏବେ ବି ଫେରାର୍ ରହିଛନ୍ତି। ସେମାନେ ବ୍ୟବହାର କରୁଥିବା ଏକ କାର୍, ଏକ କଳା ରଙ୍ଗର ଥାର ଗାଡ଼ି, ଦୁଇଟି ବୁଲେଟ୍‌କୁ ପୁଲିସ ଜବତ କରିବା ସହ ଏକ ଅଫୁଟା ବୋମା ଓ କିଛି ବିସ୍ଫୋରକ ସାମଗ୍ରୀକୁ ଜବତ କରାଯାଇଛି। ଏନେଇ ରବିବାର ସନ୍ଧ୍ୟାରେ ସତ୍ୟବାଦୀ ଥାନା ପରିସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର ଓ ସତ୍ୟବାଦୀ ଥାନା ଅଧିକାରୀ ବିଜୟ କେତନ ବେହେରା ସୂଚନା ଦେଇଛନ୍ତି। ପୁଲିସ ସୂଚନା ଅନୁଯାୟୀ, ଗତ ୧୮ ତାରିଖରେ ପୂର୍ବ ବିବାଦକୁ କେନ୍ଦ୍ର କରି ଆଶିଷ ଶତପଥୀଙ୍କ ଗ୍ରୁପ୍‌ର କିଛି ସମର୍ଥକ ଓ ନାଗାର୍ଜୁନ ସେନାପତିଙ୍କ ଗ୍ରୁପ୍‌ର କିଛି ସମର୍ଥକଙ୍କ ମଧ୍ୟରେ ଏକ ଝଗଡ଼ାର ସୂତ୍ରପାତ ହୋଇଥିଲା। କ୍ରମେ ଏହି ଝଗଡ଼ା ଉଗ୍ରରୂପ ଧାରଣ କରି ଆଶିଷ ଶତପଥୀଙ୍କ ଗ୍ରୁପ୍‌ର ସମର୍ଥକ ବନପୁରସ୍ଥିତ ନାଗାର୍ଜୁନ ସେନାପତିଙ୍କ ଅଫିସ ପାଖରେ ୧୯ ତାରିଖରେ ବୋମାମାଡ଼ କରିଥିଲେ। ଏହାକୁ ଆକ୍ରୋଶ ଭାବରେ ରଖି ଗତ ୨୦ ତାରିଖ ସନ୍ଧ୍ୟା ସମୟରେ ନାଗାର୍ଜୁନ ସେନାପତି ଓ ତାଙ୍କ ସହଯୋଗୀମାନେ ସାକ୍ଷୀଗୋପାଳ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଏକ ଦୋକାନ ଉପରକୁ ଦୁଇଟି ବୋମା ପକାଇଥିଲେ। ଏଥିରେ ଦୋକାନର କ୍ଷୟକ୍ଷତି ହୋଇଥିଲା। ତେଣୁ ପୁରୀ ଏସ୍‌ପିଙ୍କ ତତ୍ତ୍ୱାବଧାନରେ ପୃଥକ୍ ପୃଥକ୍ ପୁଲିସ ଟିମ୍ ଗଠନ କରି ବିଭିନ୍ନ ସ୍ଥାନ ଚଢ଼ଉ କରାଯାଇଥିଲା। ଗିରଫ ହୋଇଥିବା ଆଶିଷଙ୍କ ଗ୍ରୁପ୍‌ର ସଦସ୍ୟମାନେ ହେଲେ ସତ୍ୟବାଦୀ ଥାନା ଅଞ୍ଚଳର ସୁଶୀଳ ସାହୁ, ଆଶିଷ ଶତପଥୀ, ଚନ୍ଦନପୁର ଥାନା ଦାମୋଦରପୁରର ଶୁଭମ୍ ସାହୁ, କଣାସ ଥାନା ଅଞ୍ଚଳର ଅଭିରାମ ସୁନ୍ଦର ଛୋଟରାୟ। ସେହିଭଳି ନାଗାର୍ଜୁନ ସେନାପତିଙ୍କ ଗୋଷ୍ଠୀର ଅବିନାଶ ସାମନ୍ତରାୟ, ପ୍ରଦୀପ ବେହେରା, ବିଶ୍ୱଜିତ୍ ବିଶ୍ୱାଳ, ସୁରଜ ବିହାରୀ, ପ୍ରଦୀପ ଦଳେଇ। ଏ ସମସ୍ତେ ସତ୍ୟବାଦୀ ଥାନା ଅଞ୍ଚଳର ହୋଇଥିବାବେଳେ ଆଦର୍ଶ ନାରାୟଣ ପ୍ରଧାନ ଡେଲାଙ୍ଗ ଥାନା ଅଞ୍ଚଳର ବୋଲି ପୁଲିସ ସୂଚନା ଦେଇଛି। ରବିବାର ସନ୍ଧ୍ୟାରେ ଅଭିଯୁକ୍ତମାନଙ୍କୁ ପୁରୀ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ପୁରୀ ଜେଲ୍‌କୁ ପଠାଇ ଦିଆଯାଇଛି।

### ଷଷ୍ଠ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ

## ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ପରୀକ୍ଷା ପାଇଁ ସ୍ୱତନ୍ତ୍ର ଆଲୋଚନା



କୋଣାର୍କ,୨୧।୧୨(ସମିସ): ସମଗ୍ର ଶିକ୍ଷା, ପୁରୀ ଆନୁକୂଲ୍ୟରେ କୋଣାର୍କ ନିକଟସ୍ଥ ଭୈରବ ନୋଡାଲ ୟୁପିଏସ୍ କ୍ଲଷ୍ଟର ପକ୍ଷରୁ ସିମିଳି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଷଷ୍ଠ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ବାର୍ଷିକ ପରୀକ୍ଷା ପରିଚାଳନା ଏବଂ ମୂଲ୍ୟାୟନ ପ୍ରକ୍ରିୟା ସମ୍ପର୍କରେ ସ୍ୱତନ୍ତ୍ର ଆଲୋଚନା କରାଯାଇଛି। କ୍ଲଷ୍ଟରର ସିଆର୍‌ସିସି ରବୀନ୍ଦ୍ରନାଥ ବାହିନୀପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ୧୪ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ୧୨ଟି ପ୍ରାଥମିକ ବିଦ୍ୟାଳୟର ଏଫ୍‌ଏଲ୍‌ଏନ୍ ଶିକ୍ଷକ ଯୋଗଦେଇ ଶିଶୁବାଟିକା, ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ନିମନ୍ତେ ଉଦ୍ଦିଷ୍ଟ ଡିସେମ୍ବର ମାସର ଶୈକ୍ଷିକ କ୍ୟାଲେଣ୍ଡର, ଶିକ୍ଷଣ ସୋପାନ ଏବଂ ବହୁଶ୍ରେଣୀ ପରିଚାଳନା ସମ୍ପର୍କିତ ପାଠ୍ୟଟୀକା ପ୍ରସ୍ତୁତି ଓ ଉପସ୍ଥାପନା ପ୍ରସଙ୍ଗରେ ବିଷଦ୍ ଆଲୋଚନା କରିଥିଲେ। ସିମିଳି ପିୟୁପିଏସ୍‌ର ପ୍ରଧାନଶିକ୍ଷକ କାଳନ୍ଦୀ ଚରଣ ଜେନା, ସହକାରୀ ଶିକ୍ଷକ ନିରଞ୍ଜନ ସାସମଲ ଓ ଜଗତ୍ ଜୀବନ ଲେଙ୍କା ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

**ସାକ୍ଷୀଗୋପାଳ:** ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ବିଶ୍ୱନାଥପୁର କ୍ଲଷ୍ଟରର ଷଷ୍ଠ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ବୀରଗୋବିନ୍ଦପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବିଶ୍ୱନାଥପୁର କ୍ଲଷ୍ଟର ଅନ୍ତର୍ଗତ ୧୨ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ, ପ୍ରଧାନଶିକ୍ଷୟିତ୍ରୀ, ସହକାରୀ ଶିକ୍ଷକ-ଶିକ୍ଷୟିତ୍ରୀମାନେ ଯୋଗଦେଇଥିଲେ। ସିଆର୍‌ସିସି ଅଜୟ କୁମାର ପ୍ରଧାନ ବୈଠକର ଉଦ୍ଦେଶ୍ୟ ଜ୍ଞାପନ ପୂର୍ବକ ବକ୍ତବ୍ୟ ପ୍ରଦାନ କରିବା ସହ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ବୈଠକରେ ପଞ୍ଚମ ଓ ଅଷ୍ଟମ ଶ୍ରେଣୀର ନୂତନ ବାର୍ଷିକ ମୂଲ୍ୟାୟନ ପଦ୍ଧତି ସମ୍ବନ୍ଧରେ ସ୍ୱନାମଧନ୍ୟ ସମ୍ବଳ ଶିକ୍ଷକ ସନ୍ତୋଷ କୁମାର ତ୍ରିପାଠୀ ବିଶଦ୍ ଆଲୋଚନା କରିବା ସହ ଉପଯୁକ୍ତ ମୂଲ୍ୟାୟନ କୌଶଳ ଉପରେ ଆଲୋକପାତ କରିଥିଲେ। ମଧ୍ୟାନ୍ତର ପରେ ସତ୍ୟବାଦୀ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଓ ବିଆର୍‌ସିସି ପ୍ରଭାସ ଚନ୍ଦ୍ର କରଣ ଏଫ୍‌ଏଲ୍‌ଏନ୍ ସମ୍ବନ୍ଧୀୟ ଅନେକ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିବା ସଙ୍ଗେ ସଙ୍ଗେ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଅଗ୍ରଗତି ତ୍ୱରାନ୍ୱିତ ହେବା ସମ୍ପର୍କରେ ଉପାଦେୟ ମତାମତ ପରିବେଷଣ କରିଥିଲେ। ଏହି ବୈଠକରେ ବିଶ୍ୱନାଥପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମିନତୀ ଦେବୀ, ଅଠାଇଶ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସୌଭାଗିନୀ ଭୋଳ ସମେତ ଅନ୍ୟାନ୍ୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀ ବୃନ୍ଦ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ବୀରଗୋବିନ୍ଦପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅମୃତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଅଣ୍ଡିଆସାହି ବିଦ୍ୟାଳୟ ସମୂହର ବାର୍ଷିକ ଉତ୍ସବ



ନିମାପଡ଼ା,୨୧।୧୨(ସମିସ): ନିମାପଡ଼ା ଏନ୍‌ଏସି ଅନ୍ତର୍ଗତ ଅଣ୍ଡିଆସାହି ବିଦ୍ୟାଳୟ ସମୂହର ୨୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମା' ଦକ୍ଷିଣେଶ୍ୱରୀ ବିଦ୍ୟାପୀଠର ପ୍ରଧାନଶିକ୍ଷକ ହରିହର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ସାଂସଦଙ୍କ ଏନ୍‌ଏସି ପ୍ରତିନିଧି ମୀନଲତା ମହାନ୍ତି, ମୁଖ୍ୟବକ୍ତା ଭାବେ ଏସ୍‌ଟିଏଫ୍‌ଆଇ କୋଷାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ମହାନ୍ତି, ସମ୍ମାନିତ ଅତିଥିଭାବେ ବିଧାୟକଙ୍କ ପ୍ରତିନିଧି ଯତୀନ୍ଦ୍ର ନାଥ ସ୍ୱାଇଁ, ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ସୁଦର୍ଶନ ଭୋଇ, କାଉନ୍‌ସିଲର ଟିକିନା ପଣ୍ଡା, ଅଣ୍ଡିଆସାହି ଗ୍ରାମ ମଙ୍ଗଳ ସମିତି ସଭାପତି ବିବେକାନନ୍ଦ ପାତ୍ର, ସମାଜସେବୀ ଦୀନବନ୍ଧୁ ବେହୁରା, ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ଓଝା, ସିଆର୍‌ସିସି ଲକ୍ଷ୍ମୀଧର ସେଠୀ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ସାଙ୍ଗକୁ ଶୃଙ୍ଖଳିତ, କର୍ତ୍ତବ୍ୟପରାୟଣ ଓ ସଂସ୍କାରୀ ହେବାକୁ ପରାମର୍ଶ ଦେଇଥିଲେ। ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ ଏବଂ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ଅଣ୍ଡିଆସାହି ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ମା' ଦକ୍ଷିଣେଶ୍ୱରୀ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ, କର୍ମଚାରୀ ଉପସ୍ଥିତ ଥିଲେ।

## ମହିଳାଙ୍କର ୯ ଫୁଟ୍ ୧୦ ଇଞ୍ଚ ଲମ୍ବର ଜଟ



ନୟାହାଟ,୨୧।୧୨(ସମିସ): ବିଶ୍ୱରେକର୍ଡ ଅଧିକାରିଣୀ ୟୁକ୍ରେନ୍ ରୁପୁନ୍ ଜେଲ୍ ଆଲିଆଙ୍କ ୮ ଫୁଟ୍ ୫ଇଞ୍ଚ ଲମ୍ବର ଜଟ ଥିବାବେଳେ ତାଙ୍କଠାରୁ ନୟାହାଟ ଅଞ୍ଚଳର ଜଣେ ବୟସ୍କ ମହିଳାଙ୍କଠାରେ ଆହୁରି ୧ ଫୁଟ୍ ୫ ଇଞ୍ଚ ଲମ୍ବର ଅଧିକ ଜଟ ଥିବା ଦେଖିବାକୁ ମିଳିଛି। ଉକ୍ତ ମହିଳା ଜଣକ ହେଲେ ଗୋପ ବ୍ଲକ୍ ନୟାହାଟ ଅଞ୍ଚଳର ଜଙ୍ଗଲବୋରି ପଞ୍ଚାୟତର ଅଲେଖ ଦୀକ୍ଷା ନେଇଥିବା ସଞ୍ଜୁ କାଣ୍ଡି (୬୭)। ତାଙ୍କଠାରେ ୯ ଫୁଟ୍ ୧୦ ଇଞ୍ଚ ଲମ୍ବର ଜଟ ଦେଖିବାକୁ ମିଳିଛି। ନୟାହାଟ ଅଞ୍ଚଳରେ ଏହା ଚର୍ଚ୍ଚାର ବିଷୟ ପାଲଟିଛି।

## ସରସ୍ୱତୀ ଶିଶୁ ମନ୍ଦିରର ଦ୍ୱିତୀୟ ବାର୍ଷିକ ଉତ୍ସବ

ବଳଙ୍ଗା,୨୧।୧୨(ସମିସ): ବଳଙ୍ଗା ଥାନା ଅନ୍ତର୍ଗତ ବାଲିଘାଇ ଛକ ନିକଟରେ ଥିବା ସରସ୍ୱତୀ ଶିଶୁ ମନ୍ଦିରର ଦିତୀୟ ବାର୍ଷିକ ଉତ୍ସବ ପରିଚାଳନା କମିଟିର ସଭାପତି ଜୟନାରାୟଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଶିଶୁ ମନ୍ଦିରର ଉତ୍ତରୋତ୍ତର ଉନ୍ନତିରେ ସହାୟକ ହେବାର ଆଶ୍ୱାସନା ଦେଇଛନ୍ତି। ମୁଖ୍ୟବକ୍ତା ଆର୍‌ଏସ୍‌ଏସ୍ ସଦସ୍ୟ ପ୍ରଶନ୍ନ ମହାପାତ୍ର ଯୋଗଦେଇ ଅଭିଭାବକମାନଙ୍କୁ ତାଙ୍କର ଶିଶୁମାନଙ୍କୁ ସଠିକ୍ ସଂସ୍କାର ଦେବା ତଥା ଆଦର୍ଶ ଜୀବନଯାପନ ସୁଯୋଗ ଦେବା ଉପରେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବଳଙ୍ଗା ଥାନା ଅଧିକାରୀ ଦିବ୍ୟ ରଞ୍ଜନ ପଣ୍ଡା, ପରିଚାଳନା କମିଟିର ସମ୍ପାଦକ ପ୍ରମୋଦ କୁମାର ସାହୁ ଓ ସଭାପତି ଜୟନାରାୟଣ ଦାଶ ଛାତ୍ରଛାତ୍ରୀମାନଙ୍କୁ ଭଲ ମଣିଷ ହେବା ପାଇଁ ଉଦ୍‌ବୋଧନ ଦେଇଥିଲେ। ରାଜ୍ୟସ୍ତରୀୟ ଖେଳକୁଦରେ କୃତିତ୍ୱ ଅର୍ଜନ କରି ସ୍ୱର୍ଣ୍ଣପଦକ ପ୍ରାପ୍ତ ମେହକ ନସରିନ୍‌କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ଅନ୍ୟ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଛି। ପ୍ରଧାନଆଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ଦିକ୍ଷୀତ ଶିଶୁ ମନ୍ଦିରର ବିବରଣୀ ପାଠ କରିଥିଲେ। ଆଚାର୍ଯ୍ୟ ସୌମ୍ୟ ପ୍ରସାଦ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଆଚାର୍ଯ୍ୟା ବାସନ୍ତୀ ସାହୁ ସଂଯୋଜନା କରିଥିଲାବେଳେ ମନ୍ତ୍ରପାଠ, ଗୁରୁବନ୍ଦନା ଓ ସରସ୍ୱତୀ ବନ୍ଦନା ଗାନ କରିଥିଲେ ଆଚାର୍ଯ୍ୟ ସୋନାଲି ସାହୁ। ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

## ଅମରେଶ୍ୱର ମହାଦେବଙ୍କ ମନ୍ଦିରରୁ ଚୋରି

ଚାରିଛକ,୨୧।୧୨(ସମିସ): ଚାରିଛକ ଥାନା ଅନ୍ତର୍ଗତ ଅମରେଶ୍ୱର ମହାଦେବଙ୍କ ମନ୍ଦିରରୁ ଶନିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ମନ୍ଦିରର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ରୁପା ଅଳଙ୍କାର ଓ ପିତ୍ତଳ ବାସନ ସାମଗ୍ରୀ ଚୋରି କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ ଘଟଣାସ୍ଥଳରେ ପୁଲିସ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛି। ସୂଚନା ମୁତାବକ, ରବିବାର ସକାଳୁ ସୁଆର ଚନ୍ଦ୍ରକାନ୍ତ ବଡୁ ଠାକୁରଙ୍କୁ ସ୍ନାନ ପାଇଁ ଯିବା ସମୟରେ ମନ୍ଦିର ତାଲା ଭଙ୍ଗାଯାଇ ଶିବ-ପାର୍ବତୀଙ୍କ ମୁକୁଟ, ଚର୍ଚ୍ଚିକାଙ୍କ ମୁକୁଟ, କଂସା ଡାଳ, ଘଣ୍ଟି ଆଦି ନ ଥିବା ଦେଖି ଠାକୁରଙ୍କ ପାଳିଆ ପୂଜକ ବିଶ୍ୱନାଥ ପାଣିଙ୍କ ସମେତ ଗ୍ରାମର ସେବାୟତମାନଙ୍କୁ ଜଣାଇଥିଲେ। ଏନେଇ ସେବାୟତ ଜୟଦେବ ପାଢ଼ୀଙ୍କ ସମେତ ସେବାୟତମାନେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁଲିସ ୧୫୮/୨୫ରେ ଏକ ମାମଲା ରୁଜୁ କରିବା ସହ ସାଇଣ୍ଟିଫିକ୍ ଟିମ୍ ଓ ଡଗ୍ ସ୍କ୍ୱାଡ୍ ସହ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଚଳାଇଛି।

## ଅନ୍ତର୍ଜାତୀୟ କବାଡ଼ି ପ୍ରତିଯୋଗିତାରେ ଭାଗ ନେବେ ସୁମିତ୍ରା



ପିପିଲି,୨୧।୧୨(ସମିସ): ଆସନ୍ତା ୨୫ରୁ ୨୮ ତାରିଖ ପର୍ଯ୍ୟନ୍ତ କୋଲକାତାସ୍ଥିତ ଡୁମୁଡୁମା ଜେଲ୍ ରୋଡ୍ ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ଅନ୍ତର୍ଜାତୀୟ ଜୁନିଅର ବାଳିକା କବାଡ଼ି ପ୍ରତିଯୋଗିତାରେ ଓଡ଼ିଶା ଟିମ୍ ଅଂଶ ଗ୍ରହଣ କରିବ। କମିଟି ପକ୍ଷରୁ ଏହି ଟିମ୍‌ରେ ପୁରୀ ଜିଲ୍ଲାରୁ ଦୁଇ ଖେଳାଳି ଖେଳିବା ପାଇଁ ମନୋନୀତ ହୋଇଥିବାବେଳେ ଦାଣ୍ଡମୁକୁନ୍ଦପୁର ଗ୍ରାମର ଝିଅ ସୁମିତ୍ରା ଦାଶ ଖେଳିବା ପାଇଁ ମନୋନୀତ ହୋଇଥିବା ଓଡ଼ିଶା କବାଡ଼ି ଆସୋସିଏସନ ସୂଚନା ଦେଇଛି। ସୁମିତ୍ରା ଦାଣ୍ଡମୁକୁନ୍ଦପୁରସ୍ଥିତ ଗୋପବନ୍ଧୁ ମେମୋରିଆଲ ହାଇସ୍କୁଲ ଛାତ୍ରୀ ହୋଇଥିବାବେଳେ ସେ ଏବେ ପିପିଲି ମହାବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। ଏହା ସହିତ ନେତାଜୀ ସ୍ପୋର୍ଟିଂ ସହିତ ଜଡ଼ିତ ରହି ପ୍ରଶିକ୍ଷକ ସୁକାନ୍ତ ମିଶ୍ର ଏବଂ ରମେଶ ପ୍ରଧାନଙ୍କ ପାଖରେ ନିଜର ଅଭ୍ୟାସ ଜାରି ରଖିଛନ୍ତି। ପ୍ରତିଦିନ ସେ ୫ରୁ ୬ ଘଣ୍ଟା କବାଡ଼ି ଅଭ୍ୟାସରେ ସମୟ ଦେଉଥିବାବେଳେ ବିଭିନ୍ନ ଜିଲ୍ଲାର ପ୍ରତିଯୋଗିତାରେ ଭାଗ ନେଇ ଖୁବ୍ ସଫଳତାର ସହ ଖେଳ ପ୍ରଦର୍ଶନ କରିଥା'ନ୍ତି ବୋଲି ନେତାଜୀ ସ୍ପୋର୍ଟିଂର ସଭାପତି ପ୍ରକାଶ ମିଶ୍ର ସୂଚନା ଦେଇଛନ୍ତି। ସୁମିତ୍ରା ଦାଣ୍ଡମୁକୁନ୍ଦପୁର ପଞ୍ଚାୟତ ମହାସିଂହ ପାଟଣା ଗ୍ରାମର ଅଜୟ ଦାଶ ଏବଂ ସବିତା ଦାଶଙ୍କ କନ୍ୟା ଅଟନ୍ତି।

## ଗୁରୁକୁଳ ସ୍କଲାର ବିଦ୍ୟାଳୟର ବାର୍ଷିକ ଉତ୍ସବ



ସାକ୍ଷୀଗୋପାଳ,୨୧।୧୨(ସମିସ): ସତ୍ୟବାଦୀ ଗୁରୁକୁଳ ସ୍କଲାର ବିଦ୍ୟାଳୟ ସାକ୍ଷୀଗୋପାଳର ୭ମ ବାର୍ଷିକ ଉତ୍ସବ ଗୋପାଳଜୀଉ ଏଜୁକେସନାଲ ଟ୍ରଷ୍ଟ ଆନୁକୂଲ୍ୟରେ ରବିବାର ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ସାକ୍ଷୀଗୋପାଳ କଲେଜ ଅଧ୍ୟକ୍ଷ ପୁଷ୍ପମିତ୍ରା ପଟ୍ଟନାୟକ ଉତ୍ସବ ଉଦ୍‌ଘାଟନ କରିବା ସହ ଶିକ୍ଷାର ଗୁଣାତ୍ମକ ମାନବୃଦ୍ଧି ପାଇଁ ନିଷ୍ଠାପର ସାଧନା ପ୍ରତିଟି କ୍ଷେତ୍ରରେ ସଫଳତା ଆଣିଦିଏ ବୋଲି ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ସତ୍ୟବାଦୀ ବିଡିଓ ଦେବାଶିଷ ନାୟକ ଯୋଗଦେଇ ପିଲାମାନେ କଠିନ ପରିଶ୍ରମ କରିବାକୁ ଆହ୍ୱାନ ଦେଇଥିଲେ। ଉତ୍ସବରେ ସଭାପତିତ୍ୱ କରିଥିଲେ ବିଦ୍ୟାଳୟର ଚେୟାରମ୍ୟାନ ଲିଙ୍ଗରାଜ ପଣ୍ଡା। ବାର୍ଷିକ ରିପୋର୍ଟ ପ୍ରଦାନ କରିଥିଲେ ବିଦ୍ୟାଳୟର ଅଧ୍ୟକ୍ଷା ସସ୍ମିତା ମିଶ୍ର। ସଂଯୋଜନା କରିଥିଲେ ଆଇନଜୀବୀ ଅଞ୍ଜନ ହୋତା। ବାର୍ଷିକ କ୍ରୀଡ଼ାରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରି ଉତ୍ସାହିତ କରିଥିଲେ। କୁନିକୁନି ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରିଚାଳନା କମିଟିର ସଦସ୍ୟ ତାରେଣୀ ପ୍ରସାଦ ମିଶ୍ର ଓ ପ୍ରମୋଦ କୁମାର ନନ୍ଦ ସହଯୋଗ କରିଥିଲେ।

## ଯୋଗଦେଲେ ନୂତନ ମଣ୍ଡଳ ଶିକ୍ଷାଧିକାରୀ



ଗୋପ,୨୧।୧୨(ସମିସ): ଗୋପର ନୂତନ ମଣ୍ଡଳ ଶିକ୍ଷାଧିକାରୀ ରୂପେ ଅମିତା ସେନାପତି ଶନିବାର କାର୍ଯ୍ୟରେ ଯୋଗଦେଇଛନ୍ତି। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, ଓଡ଼ିଶାଙ୍କ ପତ୍ରସଂଖ୍ୟା-୨୩୩୫୩, ତା୧୯.୧୨.୨୦୨୫ ଅନୁଯାୟୀ ସମ୍ପ୍ରତି ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ରୂପେ କାର୍ଯ୍ୟରତ ଅମିତା ସେନାପତିଙ୍କୁ ଗୋପ ବ୍ଲକ୍ ଶିକ୍ଷାଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱଭାର ଦିଆଯାଇଛି। ଗୋପର ପୂର୍ବତନ ବିଇଓ ପ୍ରମୋଦ କର ଗତ ନଭେମ୍ବର ୩୦ରେ ସରକାରୀ ବୃତ୍ତିରୁ ଅବସର ନେବା ପରେ ଏହି ପଦ ଖାଲି ପଡ଼ିଥିଲା। ଶ୍ରୀମତୀ ସେନାପତି ଶନିବାର ଗୋପ ଶିକ୍ଷା କାର୍ଯ୍ୟାଳୟରେ ଯୋଗଦେବା ପରେ ଭାରପ୍ରାପ୍ତ ବିଇଓ ତଥା ବିଆର୍‌ସିସି ବିନୋଦିନୀ ମହାପାତ୍ର ତାଙ୍କୁ ସ୍ୱାଗତ କରିବା ସହିତ ଆର୍ଥିକ ପରିଚାଳନା ସମେତ ଅନ୍ୟ ସମସ୍ତ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି।

### 'ଓଷ୍ଟା' ପକ୍ଷରୁ ଜିଲ୍ଲାସ୍ତରୀୟ ଶିଶୁ ମେଳା ଉଦ୍‌ଘାଟିତ

## ଶିଶୁଙ୍କ ଲୁକ୍କାୟିତ ଗୁଣାବଳୀ ପରିପ୍ରକାଶ ହିଁ ଶିଶୁ ଉତ୍ସବ



ବ୍ରହ୍ମଗିରି,୨୧।୧୨(ସମିସ): ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ (ଓଷ୍ଟା) ପୁରୀ ଜିଲ୍ଲା ପକ୍ଷରୁ ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ବ୍ରହ୍ମଗିରି ବ୍ଲକ୍‌ସ୍ଥିତ ବିଶ୍ୱଭାରତୀ ବିଦ୍ୟାପୀଠ, ଗୋପିନାଥ ପାଟଣା, ବରପଦା, ବ୍ରହ୍ମଗିରି ପରିସର ମଧ୍ୟରେ ଆୟୋଜିତ ଏହି ଉତ୍ସବକୁ ମୁଖ୍ୟ ଅତିଥି ତଥା ଉଦ୍‌ଘାଟକ ଭାବେ ପୂର୍ବତନ କ୍ରୀଡ଼ା ମନ୍ତ୍ରୀ ତଥା କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। 'ଓଷ୍ଟା'ର ଜିଲ୍ଲା ସଭାପତି ବିଜୟ କୁମାର ବରାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଅତିଥି ଭାବରେ ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ, ମୁଖ୍ୟବକ୍ତା ଭାବରେ ଓଷ୍ଟାର ରାଜ୍ୟ କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ପୂର୍ବତନ ସରପଞ୍ଚ ଯୋଗେନ୍ଦ୍ର ନାୟକ, ବିଦ୍ୟାଳୟର ପ୍ରଧାନଶିକ୍ଷକ ନଟବର ମନ୍ତ୍ରୀ ପ୍ରମୁଖ ଉଦ୍‌ବୋଧନ ଦେଇ ଆଜିର ଶିଶୁ କାଲିର ନାଗରିକ, ଶିଶୁମାନଙ୍କର ଲୁକ୍କାୟିତ ଗୁଣାବଳୀକୁ ପରିପ୍ରକାଶ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ କରିବା ପାଇଁ ଓଷ୍ଟାର ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ। ପୁରୀ ଜିଲ୍ଲା ଓଷ୍ଟାର ସମ୍ପାଦକ ବିଭୁଦତ୍ତ ନାୟକ ସ୍ୱାଗତ ଭାଷଣ, ଅତିଥି ପରିଚୟ ଓ ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ପବିତ୍ର ମୋହନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜିତ ୨ଦିନିଆ ଶିଶୁ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ବ୍ରହ୍ମଗିରି ବ୍ଲକ୍‌ର ଉପାଧ୍ୟକ୍ଷା ମାଳିନୀ ଦଳାଇ, ରାଜେଶ ନାୟକ, ପ୍ରତାପ ମଲ୍ଲିକ ଯୋଗଦେଇ 'ଓଷ୍ଟା'ର ଏହି ୪୨ତମ ଶିଶୁ ଉତ୍ସବକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ବରିଷ୍ଠ ଶିକ୍ଷକ ବିଜୟ କୁମାର ଜେନା, ଗୋଲକ ପ୍ରସାଦ ପରିଡ଼ା, ମହେନ୍ଦ୍ର କୁମାର ପାଢ଼ୀ ଓ ଭିକାରୀ ଚରଣ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ରୂପଶ୍ରୀ ଛୋଟରାୟ, ଜଗନ୍ନାଥ ବାରିକ, ଦିଲ୍ଲୀପ ବଳିଆରସିଂହ, ପ୍ରକାଶ ଜେନା, ସସ୍ମିତା ରାଉତରାୟ, ତରୁଣ ନାୟକ, ଗୋପାଳକୃଷ୍ଣ ବାରିକ, ଦାମିନୀକାନ୍ତ ନାୟକ, ରାମକୃଷ୍ଣ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

## ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ବାର୍ଷିକ କ୍ରୀଡ଼ା ଉତ୍ସବ



ଗୋପ,୨୧।୧୨(ସମିସ): କ୍ରୀଡ଼ା ଓ ଶିକ୍ଷା ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ପରିବର୍ତ୍ତନ କରିଥାଏ। କ୍ରୀଡ଼ା ସହିତ ଶିକ୍ଷା ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଶନିବାର ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲ ଖେଳ ପଡ଼ିଆରେ ଆୟୋଜିତ ଗୋପ ପ୍ରଧାନସାହିସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ଦୁଇ ଦିନିଆ ୧୧ତମ ବାର୍ଷିକ କ୍ରୀଡ଼ା ଉତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷାବିତ୍ ବିଭୂତିଭୂଷଣ ପଟ୍ଟନାୟକ ଉପସ୍ଥିତ କୁନିକୁନି ଛାତ୍ରଛାତ୍ରୀଙ୍କୁ ଏପରି ସୂଚନା ଦେଇଥିଲେ। ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟା ଅନିଲ୍ ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ରବିନ୍ଦ୍ର ସିଂ, ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ସମ୍ପାଦକ କାଳୁରାମ ଜେନା ଯୋଗଦେଇ କ୍ରୀଡ଼ାର ଆବଶ୍ୟକତା ସହିତ ଶିକ୍ଷାଦାନର ମହତ୍ ଉଦ୍ଦେଶ୍ୟ ମତବ୍ୟକ୍ତ କରିଥିଲେ। ପ୍ରବେଶରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନରତ ୨୫୦ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଦୁଇ ଦିନିଆ କ୍ରୀଡ଼ା ଉତ୍ସବକୁ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ମିଶ୍ର, ବିଷ୍ଣୁପ୍ରିୟା ସେନାପତି, ମାନିନୀ ପ୍ରଧାନ, ଚିତ୍ରଲେଖା ସେନ୍, ସୌଦାମିନୀ ସ୍ୱାଇଁ, ସଙ୍ଗୀତା ବେହେରା, ମାମୁନି ମୁଦୁଲି ପ୍ରମୁଖ ପରିଚାଳନା କରିଥିଲେ।

ସକାଳ
THE SAKALA



● ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୩୨ ଯକ୍ଷ୍ମା ରୋଗୀ ଚିହ୍ନଟ

# ଟ୍ରୁନାଟ୍ ମେସିନ ସହିତ ଲ୍ୟାବ୍ ଟେକ୍ନିସିଆନ୍ ଆବଶ୍ୟକ

ଓଡ଼ଗାଁ,୨୧ା୧୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍‌ର ୧୮ ପଞ୍ଚାୟତର ଲକ୍ଷାଧିକ ଜନସାଧାରଣ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ



କେନ୍ଦ୍ର ଉପରେ ନିର୍ଭର କରୁଥିବାବେଳେ ଏହି ଅଞ୍ଚଳର ଚଳିତ ବର୍ଷ ଡିସେମ୍ବର ସୁଦ୍ଧା ୨୬୦୪ ଜଣଙ୍କ କଫ ପରୀକ୍ଷା କରାଯାଇଛି। ସେମାନଙ୍କ ମଧ୍ୟରୁ ୩୨ ଜଣ ଯକ୍ଷ୍ମା ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଚିକିତ୍ସା ଜାରି ରହିଛି। କେବଳ ମାଇକ୍ରୋସ୍କୋପ୍ ମାଧ୍ୟମରେ କଫ ପରୀକ୍ଷା କରା ନ ଯାଇ ଅତ୍ୟାଧୁନିକ ଟ୍ରୁନାଟ୍ ମେସିନ ସହାୟତାରେ କଫ ପରୀକ୍ଷା କରାଗଲେ ସଂକ୍ରମିତଙ୍କ ସଂଖ୍ୟା ନିଶ୍ଚିତ ବୃଦ୍ଧି ପାଇବ। କାରଣ କଫରେ ଯକ୍ଷ୍ମା ଜୀବାଣୁଙ୍କ ପରିମାଣ ଅତ୍ୟଧିକ ରହିଲେ ମାଇକ୍ରୋସ୍କୋପ୍ ମାଧ୍ୟମରେ ନିର୍ଦ୍ଧାରଣ ହେଉଥିବାବେଳେ ଜୀବାଣୁ ପରିମାଣ କମ୍ ଥିଲେ ତାହା ଅତ୍ୟାଧୁନିକ ଟ୍ରୁନାଟ ମେସିନ ବିନା ଜାଣିବା ସମ୍ଭବପର ନୁହେଁ। ଫଳରେ ରୋଗୀଙ୍କ ଜୀବାଣୁ ସଂଖ୍ୟା ବୃଦ୍ଧି ଘଟିବା ବେଳକୁ ରୋଗ ଅନିୟନ୍ତ୍ରିତ ଅବସ୍ଥାକୁ ଚାଲିଯାଇଥାଏ। ଫଳରେ ଭଲ ହେବା ସମ୍ଭାବନା କମିଯାଇଥାଏ। ତେଣୁ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡିସେମ୍ବର ସୁଦ୍ଧା ପରୀକ୍ଷା ହୋଇଥିବା ୨୬୦୪ ଜଣଙ୍କ କଫରୁ ୩୨ ପରିବର୍ତ୍ତେ ତା'ଠାରୁ ଅଧିକ ସଂଖ୍ୟାରେ ସଂକ୍ରମିତ ରହିଥିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ଏଣୁ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅତ୍ୟାଧୁନିକ ଟ୍ରୁନାଟ ମେସିନ ସହିତ ଅଧିକ ସଂଖ୍ୟକ କଫ ପରୀକ୍ଷା ପାଇଁ ଜଣେ ସ୍ୱତନ୍ତ୍ର ତାଲିମପ୍ରାପ୍ତ ଲ୍ୟାବ୍ ଟେକ୍ନିସିଆନ ଯୋଗାଇଦେବା ନିମନ୍ତେ ନୟାଗଡ଼ ଜିଲ୍ଲାପାଳ ଦୃଷ୍ଟି ଦେଲେ ଏହି ସମସ୍ୟାର ଖୁବ୍‌ଶୀଘ୍ର ସମାଧାନ ହୋଇପାରନ୍ତା ବୋଲି ସାଧାରଣରେ ଆଲୋଚିତ ହେଉଛି।

ନୟାଗଡ଼ ପୌର ପରିଷଦ

# ସଫେଇ ନାଁରେ ହେଉଛି କି ହାତସଫେଇ

ବର୍ଷକୁ ଖର୍ଚ୍ଚ ୧ କୋଟି ୮୧ ଲକ୍ଷ

ଅବସ୍ଥା ସୁଧୁରୁନି; ସବୁଆଡ଼େ ଆବର୍ଜନା

ସଚେତନତା କିମ୍ବା ଶୃଙ୍ଖଳା ନାହିଁ

ନୟାଗଡ଼,୨୧ା୧୨(ସମିସ)

ନୟାଗଡ଼ ପୌର ପରିଷଦରେ କର୍ମଚାରୀ ଓ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରହୁନି। ଜନସଚେତନତାର ମଧ୍ୟ ଘୋର୍ ଅଭାବ। ସଫେଇ ପାଇଁ ବର୍ଷକୁ ୧ କୋଟି ୮୧ ଲକ୍ଷରୁ ଊର୍ଦ୍ଧ୍ୱ ଖର୍ଚ୍ଚ କରାଯାଉଛି। ଠିକାରେ ମାଲମାଲ କର୍ମଚାରୀ ନିଯୁକ୍ତି କରି ସରକାରୀ ଅର୍ଥକୁ ବରବାଦ କରାଯାଉଛି। କିନ୍ତୁ ସହରବାସୀ ଆବଶ୍ୟକୀୟ ସୁବିଧା ପାଉନାହାନ୍ତି। ସ୍ୱଚ୍ଛ ସାଥି, ସୁପରଭାଇଜର, ସଫେଇ କର୍ମଚାରୀ, ଅଳିଆ ଉଠାଇବା ପାଇଁ ଗାଡ଼ି, ବ୍ୟାଟେରିଚାଳିତ ଗାଡ଼ିଠାରୁ ଆରମ୍ଭ କରି ଅନେକ ପ୍ରକାର ସୁବିଧା ରହିଥିଲେ ମଧ୍ୟ ନୟାଗଡ଼ ସହରର ଯେଉଁ ଆଡ଼େ ଦେଖିବ ଖାଲି ଆବର୍ଜନା ଗଦା ହୋଇ ରହୁଛି। କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି, କିନ୍ତୁ ଲୋକେ ଏହାର ଲାଭ ପାଉନାହାନ୍ତି। ସଫେଇ ନାଁରେ ପୌର ପରିଷଦ କର୍ମଚାରୀ ହାତସଫେଇ କରୁଥିବା ସାଧାରଣରେ ଅଭିଯୋଗ ହେଉଛି।

ନୟାଗଡ଼ ପୌର ପରିଷଦ ପକ୍ଷରୁ ମିଳିଥିବା ସୂଚନାନୁସାରେ, ୨୦୨୪-୨୫ ଆର୍ଥିକ ବର୍ଷରେ ସଫେଇ ପାଇଁ ପୌର ପରିଷଦ ପକ୍ଷରୁ ୧ କୋଟି ୮୧ ଲକ୍ଷ ୭୪ ହଜାର ୪୮ ଟଙ୍କା ଖର୍ଚ୍ଚ କରାଯାଇଛି। ୨୦୨୩-୨୪ରେ ୧ କୋଟି ୬୧ ଲକ୍ଷ ୧୮ ହଜାର ୮୯୦ ଟଙ୍କା ଖର୍ଚ୍ଚ ହୋଇଛି। ୨୦୨୨-୨୩ରେ ୧କୋଟି ୪୬ ଲକ୍ଷ ୫୩ ହଜାର ୫୪୩ ଟଙ୍କା ଖର୍ଚ୍ଚ କରାଯାଇଛି। ମାର୍କେଟଗୁଡ଼ିକର ଅବସ୍ଥା ସବୁଠାରୁ ସାଂଘାତିକ ହେଉଛି। କୁଢ଼କୁଢ଼ ଆବର୍ଜନା ଦୋକାନ ବଜାର ଆଗରେ ଗଦା ହୋଇ ରହୁଥିବାବେଳେ ଏହାକୁ ସଫା କରିବା ପାଇଁ ଆଦୌ ଧ୍ୟାନ ଦିଆଯାଉନି। ନୟାଗଡ଼ ରାଜୀବ ମାର୍କେଟ୍ ସାମ୍ନାରେ ପ୍ରତ୍ୟେକ ଦିନ ଅଳିଆ ଗଦା ହୋଇ ରହୁଛି। ସେହିଭଳି ଭାବେ ଓଡ଼ଗାଁ ରାସ୍ତାରେ ଥିବା ପରିବା ବଜାର, ନୟାଗଡ଼ ମୁଖ୍ୟ ଟ୍ରାଫିକ୍ ଛକ ନିକଟରେ ରହିଥିବା ଦୋକାନ ସାମ୍ନା, ତ୍ରିନାଥ ଛକ, କଲେଜ ରୋଡ୍ ପ୍ରଭୃତି ସ୍ଥାନରେ ଆବର୍ଜନା ଗଦା ଅସ୍ୱଚ୍ଛ ନୟାଗଡ଼ର ବାର୍ତ୍ତା ଦେଉଛି। ନୟାଗଡ଼ ପୌର ପରିଷଦ ଅଧ୍ୟକ୍ଷା, ଉପାଧ୍ୟକ୍ଷ ଏବଂ ନିର୍ବାହୀ ଅଧିକାରୀ ଏଥିପ୍ରତି ଆଦୌ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ନୟାଗଡ଼ ନିର୍ବାଚିତ ପ୍ରତିନିଧିମାନେ ସେବା ବଦଳରେ ସରକାରୀ ଅର୍ଥରେ ଠିକାଦାର ସାଜି ରୋଜଗାର କରିବାକୁ ଶ୍ରେୟ ମଣୁଛନ୍ତି। ନୟାଗଡ଼ ବିକାଶ ଓ ଉନ୍ନତି ପଥରେ ଆଗେଇ ଚାଲିଥିବାବେଳେ ଏଭଳି ବେପରୁଆ କାର୍ଯ୍ୟ ନୟାଗଡ଼କୁ ନିମ୍ନସ୍ତରକୁ ନେବ ବୋଲି ଆଲୋଚନା ହେଉଛି। ନୟାଗଡ଼ ଦେଇ ପଶ୍ଚିମ ଓଡ଼ିଶାରୁ ରାଜ୍ୟ ରାଜଧାନୀକୁ ଯାତାୟାତ କରୁଥିବା ହଜାର ହଜାର ଲୋକ ନୟାଗଡ଼ ବିକାଶ, ରୂପାନ୍ତରିତ ମୁଖଶାଳାକୁ ଦେଖି ଆବାକାବା ହେଉଥିବାବେଳେ କୁଢ଼କୁଢ଼ ଆବର୍ଜନାକୁ ଦେଖି ନୟାଗଡ଼ ଅବସ୍ଥା ପ୍ରତି ଅଟହାସ୍ୟ କରୁଛନ୍ତି। ନୟାଗଡ଼ ପୌର ପରିଷଦରେ ରହିଥିବା ନିୟମିତ ସଫେଇ କର୍ମଚାରୀ ଏବଂ ଠିକା ସଂସ୍ଥା ଦ୍ୱାରା କାର୍ଯ୍ୟ କରୁଥିବା ସଫେଇ କର୍ମଚାରୀ ବଜାର ଏବଂ ସହରର ବିଭିନ୍ନ ୱାର୍ଡ଼ରୁ ସଫେଇ ଆଳରେ ଚାନ୍ଦା ଆଦାୟ କରିବାରେ ବ୍ୟସ୍ତ ରହୁଛନ୍ତି। ଦୈନିକ ସକାଳ ୭ଟା ପୂର୍ବରୁ ସଫେଇ ସରିବାର ନିୟମ ରହିଥିବାବେଳେ ଦିନ ୧୧ଟା ପର୍ଯ୍ୟନ୍ତ ସଫେଇ କର୍ମଚାରୀ ଝାଡୁ ଧରି ବଜାରରେ ବୁଲୁଥିବା ଦେଖିବାକୁ ମିଳିଛି। ପୌର ପରିଷଦ ପକ୍ଷରୁ ଏହାର ତଦାରଖ କରିବା ପାଇଁ ଆଦୌ ଧ୍ୟାନ ଦିଆଯାଉନାହିଁ। ଫଳରେ ସ୍ୱଚ୍ଛ ନୟାଗଡ଼ ଅସ୍ୱଚ୍ଛ ନୟାଗଡ଼ ଭାବେ ପରିଚୟ ସୃଷ୍ଟି କରୁଛି। କେବଳ ବଜାର ନୁହେଁ, ବିଭିନ୍ନ କଲୋନୀରେ ମାସକୁ ଦୁଇ ଚାରିଥର ଝାଡୁ ବାଜୁଛି। ସହରରେ ବାସ କରୁଥିବା ଲୋକମାନେ ହୋଲ୍ଡିଂ ଟିକସ ପୈଠ କରିବା ସହ ସଫେଇ ପାଇଁ ମଧ୍ୟ ପ୍ରତ୍ୟେକ ମାସରେ ଅର୍ଥ ପୈଠ କରୁଛନ୍ତି। ତଥାପି ଅବସ୍ଥା ସୁଧୁରୁନି। ବର୍ଷକୁ ପାଖାପାଖି ୨ କୋଟି ଟଙ୍କା ଖର୍ଚ୍ଚ ଘଟଣା ସାମ୍ନାକୁ ଆସିବା ପରେ ସଫେଇ ନାଁରେ ପୌର ପରିଷଦ କର୍ମଚାରୀ ହାତସଫେଇ କରୁଥିବା ସାଧାରଣରେ ଅଭିଯୋଗ ହେଉଛି। ଭିଜିଲାନ୍ସ ବିଭାଗ ପୌର ପରିଷଦ ସଫେଇ ଖର୍ଚ୍ଚ ଉପରେ ତଦନ୍ତ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

ପ୍ରୋତ୍ସାହନ ଅଭାବରୁ ବୁଡ଼ିଲା କର୍ମସଂସ୍ଥାନ

# ରୁଗ୍‌ଣ ଅବସ୍ଥାରେ ପ୍ରଥମ ଲୌହ କାରିଗର ସମିତି

ଭାପୁର,୨୧ା୧୨(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ବଡ଼ସହରା ଗ୍ରାମରେ ୫୦ରୁ ଊର୍ଦ୍ଧ୍ୱ କୁଶଳୀ ଲୌହ କାରିଗରଙ୍କୁ ନେଇ ୧୯୬୦ ଦଶକରେ ଗଠିତ ହୋଇଥିବା ଓଡ଼ିଶାର ପ୍ରଥମ ଲୌହ କାରିଗର ଶିଳ୍ପ ସମବାୟ ସମିତି ଏବେ ମୃତ ଅବସ୍ଥାରେ ପଡ଼ି ରହିଛି। ସରକାରୀ ପ୍ରୋତ୍ସାହନ ଅଭାବରୁ ଶତାଧିକ କାରିଗରଙ୍କ ବୃତ୍ତି ବୁଡ଼ିଯିବାକୁ ବସିଛି।

ଭାପୁର ବ୍ଲକ୍‌ର ବଡ଼ସହରା ଗ୍ରାମରେ ସର୍ବାଧିକ ମହାରଣା ପରିବାର ବାସ କରନ୍ତି। ସେମାନଙ୍କ ସୌଖିନ ଲୌହ କାରିଗରୀ କାର୍ଯ୍ୟ ସମସ୍ତଙ୍କ ମନ ଜିଣିଥାଏ। ୧୯୬୧ରେ ଗ୍ରାମର ବନମାଳୀ ମହାରଣାଙ୍କ ସଭାପତିତ୍ୱରେ ଓଡ଼ିଶା ଶିଳ୍ପ ବିଭାଗ ପ୍ରୋତ୍ସାହନରେ ବଡ଼ସହରା ଲୌହ ଶିଳ୍ପ ସମବାୟ ସମିତି ଗଠିତ ହୋଇଥିଲା। ଦେଢ଼ ଏକର ସରକାରୀ ଜମିରେ ସରକାରୀ ଅର୍ଥରେ ୧୮ଟି ଶାଳ ଘର ସହ ଅଫିସ କାର୍ଯ୍ୟାଳୟ ନିର୍ମାଣ କରାଯାଇଥିଲା। ଏହି ଶାଳ ଘରେ ପ୍ରତି ପରିବାରର ମୁଖିଆମାନେ ତାଙ୍କ ପିଲାଙ୍କୁ ଧରି ଟାଙ୍ଗିଆ, କୋଡ଼ି, କୋଦାଳ, କାତି, କଟୁରି, ଫାଉଡ଼ା, ଦାଆ, ଗୁଆକାତି, କୋରଣା, ପନିକି, ନଳୀତାଲା, ପାନଛେଚା, ଗୁପ୍ତିଖୋଳ ସହ ଅନେକ ଘରକରଣା ଓ ଚାଷ ଉପଯୋଗୀ ସାମଗ୍ରୀ ନିର୍ମାଣ କରି ସାରା ରାଜ୍ୟରେ



ବୃତ୍ତିରୁ ମୁହଁ ଫେରାଇଲେଣି ଯୁବ କାରିଗର

ନାମ କରିଥିଲା। ଏହି କୁଶଳୀ କାରିଗରଙ୍କୁ ୩୫ ବର୍ଷ ପୂର୍ବେ ଭୁବନେଶ୍ୱର ରାମମନ୍ଦିର ନିକଟରେ ଥିବା ଶିଳ୍ପ ତାଲିମ କେନ୍ଦ୍ରରେ ପ୍ରଶିକ୍ଷଣ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ୨୦୦୯ରେ ବିଭାଗୀୟ ଅଧିକାରୀ ଆସି ବଡ଼ସହରା ଗ୍ରାମଠାରେ ମଧ୍ୟ ପ୍ରଶିକ୍ଷଣ ଦେଇଥିଲେ। ଏହି କୁଶଳୀ କାରିଗରଙ୍କ ହାତ ନିର୍ମିତ ସାମଗ୍ରୀ ରାଜ୍ୟର ସମସ୍ତ ପ୍ରଦର୍ଶନୀରେ ଏପରିକି ଦିଲ୍ଲୀରେ ମଧ୍ୟ ପ୍ରଦର୍ଶିତ ଓ ବିକ୍ରି ପାଇଁ କାରଗରଙ୍କୁ ଡକରା ଆସୁଥିଲା। ଧୀରେ ଧୀରେ କାରିଗରଙ୍କ ଏହି ସ୍ୱର୍ଣ୍ଣିମ ଅଧ୍ୟାୟରେ ରାହୁ ଗ୍ରାସିଲା ଭଳି ସରକାରୀ ପ୍ରୋତ୍ସାହନ ଅଭାବରୁ ସମିତି ଦୁର୍ବଳ ହୋଇ ପଡ଼ିଲା। ସେମାନଙ୍କୁ କଞ୍ଚା ମାଲ୍ ସରକାର ଯୋଗାଇଲେ ନାହିଁ କି ସେମାନଙ୍କର ନିର୍ମାଣ ସାମଗ୍ରୀ ବିକ୍ରି ପାଇଁ ସହଯୋଗ କଲେ ନାହିଁ। ଏବେ କେତେବେଳେ କେମିତି ସ୍ଥାନୀୟ ବେପାରୀଙ୍କଠାରୁ ଲୁହା ଓ ସ୍ଥାନୀୟ ଅଞ୍ଚଳରୁ ଉଚ୍ଚା ଦରରେ ଅଙ୍ଗାର କିଣି ବ୍ୟବହାର କରୁଥିବାରୁ କମ୍ ଲାଭ ପାଉଥିବା କାରିଗରମାନେ କହିଛନ୍ତି। ସମବାୟ ସମିତି ସଭାପତି ବୈକୁଣ୍ଠ ମହାରଣା ଓ ସମ୍ପାଦକ ରବୀନ୍ଦ୍ର କୁମାର ମହାରଣାଙ୍କ ଆପ୍ରାଣ ଉଦ୍ୟମ ସତ୍ତ୍ୱେ ସଂସ୍ଥା ସ୍ଥାଣୁ ପାଲଟି ଯାଇଛି। ଯୁବ କାରିଗରମାନେ ବୃତ୍ତିରୁ ମୁହଁ ଫେରାଇ ନେଉଛନ୍ତି। ବରିଷ୍ଠମାନେ ସେହି ପାରମ୍ପରିକ ପଦ୍ଧତିରେ କାର୍ଯ୍ୟ କରିପାରୁ ନାହାନ୍ତି। ପୂର୍ବରୁ ଭାପୁର ବ୍ଲକ୍‌ରେ ଇଣ୍ଡଷ୍ଟ୍ରିଆଲ ପ୍ରମୋସନାଲ ଅଫିସର ରହୁଥିଲେ। ଏବେ ବହୁ ବର୍ଷ ହେଲା ଏହି ପଦରେ କିଏ ଅଛନ୍ତି କି ନାହାନ୍ତି ତାହା ଭଗବାନଙ୍କୁ ଗୋଚର। ସରକାର ତୁରନ୍ତ ଏପରି କାରିଗରଙ୍କ ବୃତ୍ତି ଓ କୃତି ବଞ୍ଚାଇବା ପାଇଁ ସହଯୋଗ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ନଚେତ୍ ଏହା ଇତିହାସ ପାଲଟିଯିବ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି।

# ଧୀରେନ୍ଦ୍ର ନାଥ ସ୍ମୃତି ସମ୍ମାନ ସମାରୋହ



ଖଣ୍ଡପଡ଼ା,୨୧ା୧୨(ସମିସ): ଖଣ୍ଡପଡ଼ା ବ୍ଲକ୍ ଅଧୀନ ବନମାଳିପୁର ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଓଡ଼ିଶୀ ନୃତ୍ୟ ଅନୁଷ୍ଠାନ ନୃତ୍ୟ ପ୍ରଣାମ ପକ୍ଷରୁ ୫ମ ଧୀରେନ୍ଦ୍ର ନାଥ ସ୍ମୃତି ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ରବିବାର ଅପରାହ୍ନରେ ଅବସରପ୍ରାପ୍ତ ଶିକ୍ଷକ ବିଶ୍ୱନାଥ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖଣ୍ଡପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ଉପମା ବେହେରା, ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ସ୍ଥାନୀୟ ସରପଞ୍ଚ ବାସନ୍ତୀ ବେହେରା, ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ରମେଶ କୁମାର ସାହୁ, ଅନୁଷ୍ଠାନର ସାଧାରଣ ସମ୍ପାଦକ କିଶୋର ଚନ୍ଦ୍ର ଦାସ, ସମାଜସେବୀ ବିଜୟକୁମାର ତ୍ରିପାଠୀ, ବନମାଳିପୁର ଗ୍ରାମର ଦୁଇଟି ସାହିର ସଭାପତି ଲକ୍ଷ୍ମୀଧର ସାହୁ, ବିଜୟ ସାହୁ ଏବଂ ଗୁରୁ ଲିମା ଦାସ ପ୍ରମୁଖ ମଞ୍ଚାସୀନ ରହିବା ସହିତ ନୃତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରତିଭାମାନଙ୍କୁ ପୁରସ୍କୃତ କରିଥିଲେ। ରଣପୁର, ରାଜସୁନାଖଳା, ଭୁବନେଶ୍ୱର ଏବଂ ବନମାଳିପୁର ଅଞ୍ଚଳର କୁନି ପ୍ରତିଭୁମାନେ ଓଡ଼ିଶୀ, ସମ୍ବଲପୁରୀ, ଢେମ୍‌ସା ଆଦି ନୃତ୍ୟ ପରିବେଷଣ କରିଥିବାବେଳେ ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ନୃତ୍ୟ ପ୍ରଣାମ ଅନୁଷ୍ଠାନ ପକ୍ଷରୁ ମନୋଜ କୁମାର ସାହୁ ଏବଂ ସ୍ଥାନୀୟ ଅଞ୍ଚଳର ଯୁବଗୋଷ୍ଠୀ ସକ୍ରିୟ ସହଯୋଗ କରିଥିଲେ। ଯୁବ ସାମ୍ବାଦିକ ଜନ୍ମେଜୟ ଦଳେଇ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ଓଡ଼ଗାଁରେ ଭକ୍ତିସଙ୍ଗୀତ ପ୍ରତିଯୋଗିତା



ଓଡ଼ଗାଁ,୨୧ା୧୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ସାମ୍ବାଦିକ ଭବନ ପରିସରରେ 'ସଙ୍ଗୀତଧାରା' ନୟାଗଡ଼ ପକ୍ଷରୁ ଜିଲ୍ଲାସ୍ତରୀୟ ଭକ୍ତି ସଙ୍ଗୀତ ଅଡିସନ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାକୁ ଓଡ଼ଗାଁ ବ୍ଲକ୍ ସାମ୍ବାଦିକ ସଂଘ ସମ୍ପାଦକ ଗଣେଶ୍ୱର ସାହୁଙ୍କ ସହିତ ବରିଷ୍ଠ ସାମ୍ବାଦିକ ସାରସ ମିଶ୍ର ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ସଂଗୀତାନୁଷ୍ଠାନମାନଙ୍କରୁ ୧୪ରୁ ୨୪ ବର୍ଷ ବୟସର ବହୁ ଯୁବ ଓ କିଶୋର କଣ୍ଠଶିଳ୍ପୀମାନେ ଅଂଶଗ୍ରହଣ କରିଥିଲେ। ସଙ୍ଗୀତ ପ୍ରତିଯୋଗିତାରେ ବିଚାରକଭାବେ କଣ୍ଠଶିଳ୍ପୀ ଅଧ୍ୟାପକ ଡ. ଆଶୁତୋଷ ମିଶ୍ର, ରବୀନ୍ଦ୍ର କୁମାର ଦାଶ ଏବଂ କଣ୍ଠଶିଳ୍ପୀ ଜୟଶ୍ରୀ ଦେବୀ ପ୍ରମୁଖ ଯୋଗଦେଇ ଶ୍ରେଷ୍ଠ ୭ ଜଣ କଣ୍ଠଶିଳ୍ପୀଙ୍କୁ ସେମିଫାଇନାଲ ପର୍ଯ୍ୟାୟକୁ ଚୟନ କରିଥିଲେ। ଏହି କଣ୍ଠଶିଳ୍ପୀମାନେ ହେଲେ ଆଶୁତୋଷ ବେହେରା, ପ୍ରିୟାଂଶୀ ପ୍ରିୟଦର୍ଶିନୀ ସାହୁ, ସୋମାଲିନ୍ ପୃଷ୍ଟି, ସାଇସିଦ୍ଧି ମିଶ୍ର, ସୁଚିନ୍ତିକା ସାହୁ, ବର୍ଷାରାଣୀ ପ୍ରଧାନ, ସମ୍ୟକ୍ ପଣ୍ଡା। ସଙ୍ଗୀତଧାରା ସମ୍ପାଦକ କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସୂଚନା ଯୋଗ୍ୟଯେ, ଜିଲ୍ଲାର ସମସ୍ତ ୮ଟି ବ୍ଲକ୍‌ରେ କଣ୍ଠଶିଳ୍ପୀମାନଙ୍କର ପ୍ରଥମ ପର୍ଯ୍ୟାୟ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏଥିରୁ ମନୋନୀତ ଚୂଡ଼ାନ୍ତ ପର୍ଯ୍ୟାୟ ପ୍ରତିଯୋଗୀମାନଙ୍କୁ ଟ୍ରଫି, ମାନପତ୍ର ସହିତ ପର୍ଯ୍ୟାୟକ୍ରମେ ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥାଏ। ଏଥିସହିତ ପ୍ରତିଯୋଗିତାରେ ପ୍ରଥମସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ "ନୟାଗଡ଼ ସଙ୍ଗୀତ କଲ୍ଲୋଳ' ଉପାଧି ପ୍ରଦାନ କରାଯାଇଥାଏ।

ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବ

# 'ଶିଶୁ ହିଁ ଆଗାମୀ କାଲିର ଭବିଷ୍ୟତ'

ଗଣିଆ,୨୧ା୧୨(ସମିସ): ଗଣିଆରେ ଥିବା ଏକ ଘରୋଇ ଇଂରାଜୀ ମିଡିୟମ୍ ମହାନଦୀ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବରେ ଯୋଗଦେଇ ଶିଶୁ ହିଁ ଆଗାମୀ କାଲିର ଭବିଷ୍ୟତ ବୋଲି ବର୍ଣ୍ଣନା କରିଛନ୍ତି ନୟାଗଡ଼ ଜିଲ୍ଲାର ଡେପୁଟି କଲେକ୍ଟର ତାପତୀ ରାଜ୍। ଗଣିଆସ୍ଥିତ ମଙ୍ଗଳମ୍ ସଭାଗୃହରେ ଆୟୋଜିତ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ୨୦୨୦ ବ୍ୟାଚ୍ ଟପ୍ ଟେନ୍ ତାଲିକାରେ ଥିବା ଓଏଏସ୍ ଅଧିକାରୀ ତାପତୀ ରାଜ୍ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କବି ଅଶୋକ କୁମାର ମଲ୍ଲ, ମୁଖ୍ୟବକ୍ତା ଭାବେ ଗାଳ୍ପିକ, ସ୍ତମ୍ଭକାର ତଥା ଆଇନଜୀବୀ ଚନ୍ଦ୍ରବିଜୟୀ ମିଶ୍ର, ସମ୍ପାଦକ ପଙ୍କଜ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିଙ୍କୁ ବିଦ୍ୟାଳୟ ତରଫରୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ତାଙ୍କ କବିତାର ଯାଦୁରେ କୁନିକୁନି ଛାତ୍ରଛାତ୍ରୀଙ୍କୁ ବାନ୍ଧି ରଖିଥିଲେ। ଗୋଟିଏ ଛୋଟିଆ ଅନୁଷ୍ଠାନ



ହୋଇଥିଲେ ମଧ୍ୟ ଏଭଳି ଆୟୋଜନ ଦେଖି ଅତିଥିମାନେ ଖୁସିବ୍ୟକ୍ତ କରିଥିଲେ। ଆଜିର ଶିଶୁ ଆସନ୍ତାକାଲିର ଭବିଷ୍ୟତ ବୋଲି ବର୍ଣ୍ଣନା କରିବା ସହିତ ପରିଶ୍ରମ ହିଁ ସଫଳତାର ଚାବିକାଠି ବୋଲି ମୁଖ୍ୟ ଅତିଥି ପ୍ରକାଶ କରିଥିଲେ। ଅଭିଭାବକମାନେ ପିଲାମାନଙ୍କ ପ୍ରତି ଯତ୍ନବାନ ହେଲେ ସେମାନେ ଆଗକୁ ବଢ଼ିବା ସହିତ ସଫଳତା ପାଇପାରିବେ ବୋଲି ସେ ପରାମର୍ଶ ଦେଇଥିଲେ। ବିଗତ ୪ବର୍ଷର ଶ୍ରେଷ୍ଠ ଶିକ୍ଷକଶିକ୍ଷୟିତ୍ରୀ ତଥା ବିଦ୍ୟାଳୟର ପ୍ଲେ ଗ୍ରୁପ୍‌ଠାରୁ ପ୍ରାଥମିକସ୍ତର ପର୍ଯ୍ୟନ୍ତ ପ୍ରତ୍ୟେକ ବିଭାଗର ଜଣେ ଛାତ୍ର ଜଣେ ଛାତ୍ରୀଙ୍କୁ ଶ୍ରେଷ୍ଠ ପୁରସ୍କାର ବଣ୍ଟନ କରାଯାଇଥିଲା। ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜ୍ଞାନୀ ପ୍ରକାଶ ସେନାପତି, ବିଜୟଲକ୍ଷ୍ମୀ ରାଉତ, ସରୋଜ ଦାଶ ଏବଂ ବିଦ୍ୟାଳୟର ଶ୍ରେଷ୍ଠ ସହଯୋଗୀ ଭାବେ ସୁବ୍ରତ ପ୍ରଧାନ, ପରିଚାଳନା କମିଟିର କୋଷାଧ୍ୟକ୍ଷ ଅଟଳ ବିହାରୀ ବାଜୁ, ଉପସଭାପତି ଗୋଲଖ ବିହାରୀ ସାହୁ, ପୂର୍ବତନ ଅଧ୍ୟକ୍ଷ ମହେନ୍ଦ୍ର ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅଶୋକ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟରେ କାର୍ଯ୍ୟରତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ଶିକ୍ଷା ସହିତ ସଂସ୍କୃତିକୁ ଋଦ୍ଧିମନ୍ତ କରିବା ମୁଖ୍ୟ ଲକ୍ଷ୍ୟ



ନୟାଗଡ଼,୨୧ା୧୨(ସମିସ): ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୧ତମ ବାର୍ଷିକ ଉତ୍ସବ ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟ ଅମ୍ବିକା ପ୍ରସାଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା, ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସହ ପ୍ରାନ୍ତ ସେବା ପ୍ରମୁଖ ବେଲେଶ୍ୱର ସାହୁ ଯୋଗଦେଇଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମୁଖ୍ୟ ପ୍ରଶାସକ ହରେକୃଷ୍ଣ ମୁଦୁଲି, ପ୍ରଶାସକ ଡ. କୃପାସିନ୍ଧୁ କରଣ ପ୍ରମୁଖ ମଞ୍ଚାସୀନ ଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନଆଚାର୍ଯ୍ୟ ଶ୍ରୀ ପଟ୍ଟନାୟକ ଶିକ୍ଷା ବ୍ୟବସ୍ଥା, ଛାତ୍ରଛାତ୍ରୀଙ୍କ କୃତିତ୍ୱ, ବିଦ୍ୟାଳୟ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ରଖିଥିଲେ। ମୁଖ୍ୟ ଅତିଥି ଶ୍ରୀ ପଣ୍ଡା ତାଙ୍କ ବକ୍ତବ୍ୟରେ, ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ବିଦ୍ୟାଳୟର ଉନ୍ନତି କାମନା କରିଥିଲେ। ଶିକ୍ଷା ସହିତ ଭାରତୀୟ ସଂସ୍କୃତିକୁ ଋଦ୍ଧିମନ୍ତ କରିବା ଅନୁଷ୍ଠାନର ମୁଖ୍ୟ ଲକ୍ଷ୍ୟ ବୋଲି ଆମେ ସମସ୍ତେ ଜାଣିଛେ। ପିଲାଙ୍କ ମାନସିକ, ଶାରୀରିକ ଓ ଆଧ୍ୟାତ୍ମିକ ବିକାଶ ଏହାର ମୁଖ୍ୟ ଲକ୍ଷ୍ୟ। ଅନୁଷ୍ଠାନ ଆହୁରି ଆଗକୁ ଯିବା ସହ ସମାଜ ପାଇଁ ଉତ୍ତମ ଛାତ୍ରଛାତ୍ରୀ ପ୍ରସ୍ତୁତ କରନ୍ତୁ ବୋଲି କହିଥିଲେ। ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଗୁରୁଜୀ ଅନ୍ତର୍ଯ୍ୟାମୀ ଷଡ଼ଙ୍ଗୀ, ଗୁରୁମା' ଶ୍ରାବଣୀ ନାଥଙ୍କ ସମେତ ସମସ୍ତ ଗୁରୁଜୀ, ଗୁରୁମା' କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ପ୍ରକାଶିତ ମୁଖପତ୍ର 'ରୁକ୍ଷୀଫୁଲ' ଅତିଥିଙ୍କ ଦ୍ୱାରା ଉନ୍ମୋଚନ ହୋଇଯାଇଛି।

ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାର ବିକଳ ଚିତ୍ର

# ୮ ମାସରେ ୨.୨୦ କୋଟିର ରାସ୍ତା ଫାଟି ଆଁ

ନୟାଗଡ଼/ଖଣ୍ଡପଡ଼ା,୨୧ା୧୨(ସମିସ)



ମାତ୍ର ୮ ମାସ ତଳେ ପିଚୁ, ବଜୁରି ବିଛାଇ ରାସ୍ତା ଚକମକ କରିଥିଲା ଗ୍ରାମ୍ୟ ଉନ୍ନୟନ ବିଭାଗ। ଅସରାଏ ବର୍ଷାରେ ରାସ୍ତା ଫାଟି ଆଁ କରିଥିବାବେଳେ ବଜୁରି ଉଠିଗଲାଣି। ଘଟଣା ପରେ ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଥିଲେ ମଧ୍ୟ ପଦକ୍ଷେପ ନେଉନି ଗ୍ରାମ୍ୟ ଉନ୍ନୟନ ବିଭାଗ। ଫଳରେ ରାସ୍ତା ନିର୍ମାଣରେ ଅନିୟମିତତା ଅଭିଯୋଗ ଆଣିଛନ୍ତି କୁମ୍ଭାରପଡ଼ା ଗ୍ରାମବାସୀ। ଖଣ୍ଡପଡ଼ା ବ୍ଲକ୍ କୁମ୍ଭାରପଡ଼ା ଗ୍ରାମ ଉପକଣ୍ଠରୁ ଖଡ଼ଗପ୍ରସାଦକୁ ଲମ୍ବିଥିବା ରାସ୍ତାରେ ଏଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିବାବେଳେ ସବୁ ଜାଣି ଅଜଣା ସାଜିଛି ଗ୍ରାମ୍ୟ ଉନ୍ନୟନ ବିଭାଗ। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ କୁମ୍ଭାରପଡ଼ାରୁ ଖଡ଼ଗପ୍ରସାଦ ପ୍ରାୟ ୨ କିମିରୁ ଊର୍ଦ୍ଧ୍ୱ ରାସ୍ତା ନିର୍ମାଣ ନିମନ୍ତେ ଅର୍ଥ ବ୍ୟୟବରାଦ କରାଯାଇଥିଲା। ଦୀର୍ଘଦିନ ଧରି ଅବହେଳିତ ଉକ୍ତ ରାସ୍ତା ନିମନ୍ତେ ୨ କୋଟି ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରାଯାଇଥିବା ବେଳେ ପିଚୁ ସହ କଂକ୍ରିଟ ରାସ୍ତା ନେଇ ଏଷ୍ଟିମେଟ୍ ରହିଥିଲା। ତେବେ ଗତ ଏପ୍ରିଲ ମାସରେ ପିଚୁ ସହ କଲ୍‌ଭର୍ଟ ନିର୍ମାଣ କାମ ସରିଥିବାବେଳେ ଗୋଟିଏ ବର୍ଷା ଋତୁ ଏହାର ଗୁମର ଖୋଲିଥିଲା।

ରାସ୍ତା କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ବର୍ଷା ଯୋଗୁଁ ମୋରମ୍ ଭାସିଯାଇ ରାସ୍ତା ପାର୍ଶ୍ୱରେ ଏକାଧିକ ଖାଲ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ରାସ୍ତା ମଧ୍ୟରେ ନୂତନ କଲ୍‌ଭର୍ଟ ନିର୍ମାଣ ହୋଇଥିବାବେଳେ ଉଭୟ ପାର୍ଶ୍ୱର ପିଚୁ ରାସ୍ତା ଫାଟି ଆଁ କରିବା ସହିତ ମାଟିରେ ମିଶିଲାଣି। ଘଟଣାକୁ ଇତି ମଧ୍ୟରେ ୬ ମାସ ବିତିଥିବାବେଳେ ରାସ୍ତା ମରମତି କରିବାକୁ ଭୁଲିଯାଇଛି ଖଣ୍ଡପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ। ଉକ୍ତ ରାସ୍ତା ନିର୍ମାଣ ଦାୟିତ୍ୱରେ ଆରଡି ବିଭାଗର କନିଷ୍ଠ ଯନ୍ତ୍ରୀ ରାଜକିଶୋର ନାୟକ ଥିବାବେଳେ ଠିକାଦାର କିଭଳି ନିମ୍ନମାନର ରାସ୍ତା କଲା ତାକୁ ନେଇ ପ୍ରଶ୍ନ ଉଠିଛି। ସମ୍ପୂର୍ଣ୍ଣ ପିଚୁ ନାୟକ ଅହେତୁକ ଅନୁକମ୍ପା ଦେଖାଇଥିବା ବେଳେ ଦିନ ଗଡ଼ାଇ ଚାଲିଥିଲେ। ତେବେ ଏପ୍ରିଲ ମାସରେ ପିଚୁ ଢାଳି ତାଳିପକା

● ଅଭିଯୋଗ ପରେ ମଧ୍ୟ ମରାମତି ହେଉନି

● ସନ୍ଦେହରେ କନିଷ୍ଠ ଯନ୍ତ୍ରୀଙ୍କ ଭୂମିକା

ରାସ୍ତାରୁ ବଜୁରି ଓ ଗୋଡ଼ି ବାହାରିପଡ଼ିଥିବା ବେଳେ ରାସ୍ତାରେ ଯାଉଥିବା ଲୋକେ ହନ୍ତସନ୍ତ ହେଉଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଗ୍ରାମବାସୀଙ୍କ ଅଭିଯୋଗ ହେଲା ଦୀର୍ଘ ବର୍ଷ ହେବ ଏହି ରାସ୍ତାକୁ ସରକାରୀ ଭାବେ ଅନୁଦାନ ଅର୍ଥ ମଞ୍ଜୁର ହୋଇଥିବାବେଳେ କିନ୍ତୁ କାମ ହେଉ ନ ଥିଲା। କାମ ହାତେଇଥିବା ଠିକାଦାରଙ୍କୁ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଶ୍ରୀ ଉଦ୍ୟମ ହୋଇଥିବା ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ନିମ୍ନମାନର କାମ ଉପରେ ଅସରାଏ ବର୍ଷା ମୋହର ମାରିଥିବାବେଳେ କୁମ୍ଭାରପଡ଼ାରୁ ଖଡ଼ଗପ୍ରସାଦ ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠିଛି। ସ୍ଥାନୀୟ ଗ୍ରାମବାସୀ ଓ ପଞ୍ଚାୟତର ଜନପ୍ରତିନିଧି ଜିଲ୍ଲା ପ୍ରଶାସନ ନିକଟରେ ରାସ୍ତା ନିର୍ମାଣର ତଦନ୍ତ ସହିତ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କୁ ଅନ୍ୟତ୍ର ବଦଳି ଦାବି କରିଛନ୍ତି।

■ ଧ୍ୟାନ ଦେଉନି ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ

# ଅସୁରକ୍ଷିତ ଜାତୀୟ ପକ୍ଷୀ

ନୟାଗଡ଼,୨୧ା୧୨(ସମିସ): ଜାତୀୟ ପକ୍ଷୀ ମୟୂର ଅସୁରକ୍ଷିତ। କେତେବେଳେ ଜାତୀୟ ରାଜପଥ ଉପରେ ଜାତୀୟ ପକ୍ଷୀର ଜୀବନ ଯାଉଛି, ତ ପୁଣି କେବେ ଶିକାରୀଙ୍କ ଲୋଲୁପ ଦୃଷ୍ଟି ସେମାନଙ୍କର ବିନାଶ କରୁଛି। ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ବାଣିଗୋଛା ପଶ୍ଚିମ ବନାଞ୍ଚଳରେ ରହିଛି ସାତପୁରୀ ପାହାଡ଼। ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥ କଡ଼ରେ ଅବସ୍ଥିତ ଏହି ପାହାଡ଼ ଉପରେ ରହିଛି ଗମ୍ଭାରିଗଣ୍ଡା ଗାଁ। ପାହାଡ଼ରେ ଶତାଧିକ ଜାତୀୟ ପକ୍ଷୀ ତଥା ମୟୂରଙ୍କ ଚଳପ୍ରଚଳ ସବୁବେଳେ ଲାଗି ରହୁଛି। ଅନେକ ସମୟରେ ମୟୂରପଲ୍ଲ ରାସ୍ତାକଡ଼ରେ ଥିବା ଜମିକୁ ଚାଲି ଆସିଥାନ୍ତି। ଜାତୀୟ ରାଜପଥ ଉପରେ ଠିଆ ହେଲେ ନିଶ୍ଚିତ ମୟୂର ସ୍ୱର ଶୁଣିବାକୁ ମିଳେ। କେହି କେହି ଏହି ପାହାଡ଼ରେ ହଜାରେରୁ ଊର୍ଦ୍ଧ୍ୱ ମୟୂର ରହିଥିବା କହିଛନ୍ତି। ନିକଟସ୍ଥ ଜମିରେ ଧାନ ଅମଳ ସମୟରେ ଶତାଧିକ ମୟୂର ଆସି ଧାନ ଖାଇ ଦେଇଥାନ୍ତି। ବୁଗୁଡ଼ାର ଚାଷୀ ପ୍ରଫୁଲ୍ଲ ନାୟକ ଗତବର୍ଷ ଚାଷ ଜମିରୁ ଆଦୌ ଧାନ ଅମଳ କରିନାହାନ୍ତି। ସବୁଧାନ ମୟୂର ଖାଇ ଦେଇଥିବା କହିଛନ୍ତି। ଦେଶର ଜାତୀୟ ପକ୍ଷୀ ସୁରକ୍ଷା ପାଇଁ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଆଜି ପର୍ଯ୍ୟନ୍ତ କୌଣସି ସୁରକ୍ଷା ବ୍ୟବସ୍ଥା କଥା ଚିନ୍ତା କରିନାହିଁ। ଅନେକ ମୟୂର ଶିକାରୀଙ୍କ ଦ୍ୱାରା ପ୍ରାଣ ହରାଉଥିବା ବେଳେ କିଛି ମୟୂର ଜାତୀୟ ରାଜପଥ ଉପରେ ଗାଡ଼ି ଧକ୍କାରେ ପ୍ରାଣ ହରାଉଛନ୍ତି। ସବୁଠାରୁ ବଡ଼ କଥା ହେଉଛି, ଏହି ଅଞ୍ଚଳରେ ଥିବା ମୟୂରଙ୍କ ଅଣ୍ଡା ସବୁବେଳେ ବିପଦରେ ରହୁଛି। ତନ୍ତ୍ରସାଧନା ପାଇଁ ମୟୂର ଅଣ୍ଡାର ଆବଶ୍ୟକତା ଥିବାରୁ ଅନେକ ଅଣ୍ଡାକୁ ବାହାରକୁ ଚାଲାଣ କରାଯାଉଛି। ଅଣ୍ଡାଗୁଡ଼ିକ ସୁରକ୍ଷିତ ରହିଲେ, ମୟୂର ସଂଖ୍ୟା ନିହାତି ଭାବେ ବୃଦ୍ଧି ପାଇପାରନ୍ତା। ଏହା ବ୍ୟତୀତ ସ୍ୱତନ୍ତ୍ର ଭାବେ ଜାତୀୟ ରାଜପଥ ପାର୍ଶ୍ୱରେ ତାର ଜାଲି ଦ୍ୱାରା ସୁରକ୍ଷା ପାଚେରି ନିର୍ମାଣ କରାଯାଇ, ସେମାନଙ୍କୁ ରକ୍ଷା କରାଯାଇପାରନ୍ତା। ବ୍ୟାଘ୍ର ସଂରକ୍ଷଣକୁ ଗୁରୁତ୍ୱ ଦିଆଯାଉଥିବାବେଳେ ଏଠାରେ ଜାତୀୟ ପକ୍ଷୀର ସୁରକ୍ଷାକୁ ଧ୍ୟାନ ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ଏନେଇ ବନ୍ୟପ୍ରାଣୀ ବିଭାଗ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ଦାବି ହେଉଛି।

